**ଜନ୍ମ ଶତବାର୍ଷିକୀରେ ଆଲୋଚନାଚକ୍ର**

# ଓଡ଼ିଆ କବିତାରେ ନବ୍ୟ-ଆଧୁନିକତାର ପ୍ରବର୍ତ୍ତକ ଗୁରୁପ୍ରସାଦ




■ ଭୁବନେଶ୍ୱର,ତା୨୮ା୧୧(ପିଏନଏସ) ଓଡ଼ିଆ କବିତାରେ ଆଧୁନିକତାର ଧାରା ପ୍ରବର୍ତ୍ତକ ହେଉଛନ୍ତି ପ୍ରସିଦ୍ଧ କବି ଗୁରୁପ୍ରସାଦ ମହାନ୍ତି । ସମକାଳର କବିତାକୁ ସମକାଳର ଭାଷାରେ ପ୍ରକାଶ କରୁଥିବା କବି ହେଉଛନ୍ତି ପ୍ରାଚ୍ୟ-ପାଶ୍ଚାତ୍ୟର ସେତୁସ୍ଥାପକ । ତାଙ୍କ କବିତା ସଂଖ୍ୟା କମ୍ କିନ୍ତୁ ସେଗୁଡ଼ିକର ପ୍ରଭାବ ଅସୀମ । ତାଙ୍କର ପ୍ରତିଟି କବିତା ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ଜ୍ୟୋତିବୋଲି ଗୁରୁବାର ବୁଦ୍ଧମନ୍ଦିର ସଭାଗୃହରେ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଆୟୋଜିତ ଗୁରୁପ୍ରସାଦ ମହାନ୍ତି ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଉଦଘାଟନୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ଆଲୋଚନାଚକ୍ରରେ ଅକାଦେମିର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇଥିଲେ । ଉଦଘାଟନୀ ଅଭିଭାଷଣରେ ଶ୍ରୀଯୁକ୍ତ ପଣ୍ଡା ଗୁରୁପ୍ରସାଦ ମହାନ୍ତିଙ୍କୁ ଓଡ଼ିଆ କବିତାରେ ନବ୍ୟ-ଆଧୁନିକତାର ପ୍ରବର୍ତ୍ତକ ବୋଲି କହିଥିଲେ ।

ଆଲୋଚନାଚକ୍ର ଅଧିବେଶନରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ତଥା ବିଶିଷ୍ଟ କଥାକାର ଗୌରହରି ଦାସ ସଭାପତିତ୍ୱକରି କହିଥିଲେଯେ, ଗୁରୁପ୍ରସାଦ ହେଉଛନ୍ତି ସମ୍ମୋହନର କବି, ଉଚ୍ଚାଟନର କବି, ମଧୁର ଯନ୍ତ୍ରଣାର କବି, ପୁଣି କାତର ଉଲ୍ଲାସର କବି । ପ୍ରେମ ଓ ପ୍ରକୃତିର କବି । ପଚାଶ ବର୍ଷର ସୃଜନ କାଳରେ ମାତ୍ର ଅଶୀ ପାଖାପାଖି କବିତା ଲେଖିଥିଲେ । କବିତା ସଂଖ୍ୟା ସ୍ୱଳ୍ପ ହୋଇଥିଲେ ସୁଦ୍ଧା ସେ ଖୁବ ପ୍ରସିଦ୍ଧ । ସମ୍ମାନିତ ଅତିଥିଭାବେ ଗୁରୁପ୍ରସାଦ ମହାନ୍ତିଙ୍କ କନ୍ୟା ଡାକ୍ତର ପ୍ରିୟଦର୍ଶିନୀ ମହାନ୍ତି ଆବେଗପୂର୍ଣ୍ଣ ଭାବରେ ଗୁରୁପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ । ମୂଳ ଭାଷଣ ପ୍ରଦାନ କରିଥିଲେ ବିଶିଷ୍ଟ କବି ତଥା ସମାଲୋଚକ ଭଗବାନ ଜୟସିଂହ । ସଭା ସଂଯୋଜନା କରିଥିଲେ ସାହିତ୍ୟ ଅକାଦେମିର କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ । ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ସାହିତ୍ୟ ଅକାଦେମିର ସାଧାରଣ ପରିଷଦର ସଦସ୍ୟ ତଥା ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ।

ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପବିତ୍ର ମୋହନ କର ଉଦଘାଟନୀ ଅଧିବେଶନରେ ଧନ୍ୟବାଦ ଦେଇଥିଲେ ।ସେହିପରି ଦ୍ୱିତୀୟ ଅଧିବେଶନରେ କବି ଅମରେଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଗୁରୁପ୍ରସାଦଙ୍କ କବିତାର ତାତ୍ତ୍ୱିକ ଆଲୋଚନା ଦିଲୀପ କୁମାର ସ୍ୱାଇଁ, ରମେଶଚନ୍ଦ୍ର ମଲ୍ଲିକ ଓ ସନ୍ତୋଷ କୁମାର ନାୟକ କରିଥିଲେ ।